# ବିଜେଡିରେ ମିଶିଲେ ଭାଜପା କର୍ମୀ

ଭଣ୍ଡାରିପୋଖରୀ, ୨୩।୧୨ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମର ୧୫ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଭଦ୍ରକସ୍ଥିତ ବାସଭବନରେ ଅନୁଷ୍ଠିତ ଡିଜିଟାଲ କର୍ମୀ ସମ୍ମିଳନୀରେ ଏହି ଗ୍ରାମର ବଳରାମ ମାଝୀ, ଓମ୍‌ପ୍ରକାଶ ନାୟକ, ରତ୍ନାକର ନାୟକ, ସୁଶାନ୍ତ ନାୟକ, ସତ୍ୟାନନ୍ଦ ଦାସ, ଶେଷଦେବ ନାୟକ ପ୍ରମୁଖ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ରହଣିଆ ପଞ୍ଚାୟତ ନେତା ତଥା ପୂର୍ବତନ ସରପଞ୍ଚ ବୀରେନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନୂତନ କର୍ମୀମାନଙ୍କୁ ବିଧାୟକ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

# କଣ୍ଠରୁ ବାହାର କରିପାରନ୍ତି ୧୩୫ ପ୍ରକାର ସ୍ୱର

## ନୃତ୍ୟ, ଚିତ୍ରକଳାରେ ବି ନିପୁଣ ସୁଶାନ୍ତ

ତିହିଡ଼ି, ୨୩।୧୨ (ସଞ୍ଜିତ ବଳ)

ଝରଣାର କୁଲୁକୁଲୁ ହେଉ କି ପକ୍ଷୀର କାକଳି। ବଂଶୀର ସୁମଧୁର ସ୍ୱର ହେଉ ଅଥବା ବୀଣାର ମୂର୍ଚ୍ଛନା। ସବୁ ସ୍ୱରକୁ ସେ କଣ୍ଠରୁ ବାହାର କରିପାରନ୍ତି। କଣ୍ଠରୁ ୧୩୫ ପ୍ରକାର ସ୍ୱର ବାହାର କରିପାରନ୍ତି ଯୁବ ପ୍ରତିଭା ସୁଶାନ୍ତ ବେହେରା(୩୫)। ତାଙ୍କ ଘର ଚାନ୍ଦବାଲି ବ୍ଲକର ଚଷାଖଣ୍ଡ ଗ୍ରାମରେ। ଏହି ନିଆରା ଦକ୍ଷତା ସହ ନୃତ୍ୟ ଓ ଚିତ୍ରକଳାରେ ବି ସେ ନିପୁଣ।

ଚଷାଖଣ୍ଡ ଗ୍ରାମର ସନାତନ ବେହେରା ଓ ସରସ୍ୱତୀ ବେହେରାଙ୍କ ପୁଅ ସୁଶାନ୍ତ। ମା'ଙ୍କ ନାଁରେ ସେ ତିହିଡ଼ି ସମେତ ମତୋ ଓ ଘଣ୍ଟେଶ୍ୱରରେ ୩ଟି ନୃତ୍ୟ ଶିକ୍ଷାକେନ୍ଦ୍ର ଖୋଲିଛନ୍ତି। ସପ୍ତାହର


ତିହିଡ଼ିସ୍ଥିତ ଶିକ୍ଷାକେନ୍ଦ୍ରରେ ପିଲାଙ୍କୁ ନୃତ୍ୟ ଶିଖାଉଛନ୍ତି ସୁଶାନ୍ତ ବେହେରା।

ବିଭିନ୍ନ ଦିନରେ ସେସବୁ କେନ୍ଦ୍ରକୁ ଯାଇ ସେ ପିଲାମାନଙ୍କୁ ନୃତ୍ୟଶିକ୍ଷା ଦେଇଥାନ୍ତି। ଓଡ଼ିଶୀ ସହ କ୍ଲାସିକାଲ ଓ ଆଧୁନିକ ନୃତ୍ୟରେ ନିପୁଣ ସୁଶାନ୍ତ ବାଲେଶ୍ୱର ଜିଲାର ମାର୍କୋଣା ସହ ବିଭିନ୍ନ ସ୍ଥାନକୁ ମଧ୍ୟ ଯାଇ ନୃତ୍ୟଶିକ୍ଷା ଦେଉଛନ୍ତି। ଗତ ୧୦ ବର୍ଷ ହେଲା ସେ ଏହି ଶିକ୍ଷାଦାନ କରି ଆସୁଥିବା କହନ୍ତି। ତାଙ୍କର ବିଶେଷ ଗୁଣ ହେଉଛି ସଙ୍ଗୀତ ସହ ତାଳ ଦେଇ ସେ ବିଭିନ୍ନ ବାଦ୍ୟଯନ୍ତ୍ରର ସ୍ୱର କଣ୍ଠରୁ ବାହାର କରିପାରନ୍ତି। ଏଥିପାଇଁ ସେ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଉତ୍ସବକୁ ନିମନ୍ତ୍ରିତ ହୋଇ ନିଜର କଳା ନୈପୁଣ୍ୟତା ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ସେ ମଧ୍ୟ ସୁନ୍ଦର ଭାବେ ଉତ୍ସବରେ ଉପସ୍ଥାପନା କରି ଦର୍ଶକଙ୍କୁ ବିମୋହିତ କରିପାରନ୍ତି। କେବଳ ସେତିକି ନୁହେଁ କାନ୍ଥରେ ବିଭିନ୍ନ ରଙ୍ଗ ସହାୟତାରେ ସୁନ୍ଦର ଚିତ୍ର ଆଙ୍କିପାରନ୍ତି। ଏମିତିକି ସେ ନୃତ୍ୟ ଶିକ୍ଷାକେନ୍ଦ୍ରର କାନ୍ଥରେ କୋଣାର୍କ ଓ ନଟନଟୀଙ୍କ ମନମୁଗ୍ଧକର ଚିତ୍ର ଆଙ୍କିଛନ୍ତି। ବିନା ଗୁରୁରେ କେବଳ ଅଭ୍ୟାସ ବଳରେ ସେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିଛନ୍ତି। ଏହି ଅନନ୍ୟ ପ୍ରତିଭା ପାଇଁ ଭଦ୍ରକ ଜିଲା ସମେତ ଭୁବନେଶ୍ୱର, ବାଲେଶ୍ୱର, ପାରାଦୀପର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନରୁ ତାଙ୍କୁ ମିଳିଛି ମାନପତ୍ର ଓ ସମ୍ବର୍ଦ୍ଧନା। ଅବିବାହିତ ଥିବା ସୁଶାନ୍ତ କହନ୍ତି, ଶିକ୍ଷାକେନ୍ଦ୍ରକୁ ଆସୁଥିବା କୁନି କୁନି ପିଲାମାନେ ହେଉଛନ୍ତି ତାଙ୍କ ସଂସାର। ସେମାନଙ୍କୁ ନୃତ୍ୟ କ୍ଷେତ୍ରରେ ନିପୁଣ କରିବା ସହ ନିଜର ଦକ୍ଷତାକୁ ପ୍ରତିପାଦନ କରି ଗୌରବ ଅର୍ଜନ କରିବା ତାଙ୍କ ଜୀବନର ପ୍ରମୁଖ ଲକ୍ଷ୍ୟ।

# ଉପଜିଲାପାଳଙ୍କୁ ଭେଟିଲେ ଗାଁ ଲୋକେ

ତିହିଡ଼ି, ୨୩।୧୨ (ସଞ୍ଜିତ ବଳ)

## ଗୋଚର ଜମିରୁ ମାଟିଖୋଳା ଘଟଣା

ତିହିଡ଼ି ବ୍ଲକ ଅଧୀନ ବାରସର ପଞ୍ଚାୟତର ନୂଆବନ୍ଧ ମୌଜାରେ ଥିବା ଗୋଚର ଜମିରୁ ମାଟିଖୋଳା ହେବା ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ମୁଟୁରୀଗଡ଼ ଗ୍ରାମର କେତେକ ଅଧିବାସୀ ସୋମବାର ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କୁ ଭେଟିଛନ୍ତି। ଗୋଚର ଜମିରୁ ମାଟିଖୋଳା ବନ୍ଦ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେମାନେ ଦାବି ଜଣାଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ମୁଟୁରୀଗଡ଼ ଗ୍ରାମ ନିକଟରେ ଗେଙ୍ଗୁଟି ନଦୀ ଉପରେ ଏବେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। କାର୍ଯ୍ୟ ଦାୟିତ୍ୱ ନେଇଥିବା ଠିକାଦାର ଗୋଚର ଜମିରୁ ମାଟି ଖୋଳି ନେଉଥିବାରୁ ସେମାନେ ଏହାର ବିରୋଧ କରିଥିଲେ। ଏହାକୁ ନେଇ ଠିକାଦାରଙ୍କ ସପକ୍ଷବାଦୀମାନେ ଅନୀଲ ରାଉତ ନାମକ ଯୁବକଙ୍କୁ ମାଡ଼ ମାରିବାରୁ ଗଣ୍ଡଗୋଳ ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗତ ୨୦ ତାରିଖ ଅପରାହ୍ନରେ ତହସିଲଦାରଙ୍କ ଉପସ୍ଥିତିରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ତହସିଲଦାର ମାଟିଖୋଳାକୁ ବନ୍ଦ କରିଥିଲେ। ଅନୀଲ ଘଟଣା ସମ୍ପର୍କରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସରପଞ୍ଚ ଓ ଭାଜପା ମଣ୍ଡଳ ସଭାପତିଙ୍କ ନାଁରେ ଏକ ମାମଲା (ନଂ. ୨୭୨/୨୪) ରୁଜୁ କରିଛି। ଅପରପକ୍ଷେ ସରପଞ୍ଚ ଚକ୍ରଧର ଦାସଙ୍କ ଅଭିଯୋଗକ୍ରମେ ଅନୀଲଙ୍କ ନାଁରେ ପୋଲିସ ଅନ୍ୟ ଏକ ମାମଲା (ନଂ.୨୭୩/୨୪) ରୁଜୁ କରିଛି। ଏହି ଘଟଣା ପରେ ଆଲୋକ ମହାପାତ୍ର, ଦୀପକ ମହାପାତ୍ର, କାଳନ୍ଦୀ ମହାପାତ୍ର, ଅନୀଲ ରାଉତ, ସନ୍ତୋଷ ରାଉତ, ବାବୁଆ ରାଉତ ପ୍ରମୁଖ ଗ୍ରାମବାସୀ ଉପଜିଲାପାଳଙ୍କୁ ଭେଟିଛନ୍ତି। ଘଟଣାର ଅନୁଧ୍ୟାନ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ଗ୍ରାମବାସୀଙ୍କୁ କହିଛନ୍ତି।

# ଷ୍ଟ୍ରିଟ୍‌ଲାଇଟ୍ ଜଳୁନି: କୋର୍ଟ ସାମ୍ନା ଅନ୍ଧକାରମୟ


ନଳାଙ୍ଗ, ୨୩।୧୨ (ସାଇଶଙ୍କର ମହାକୁଳ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଆରଡ଼ିଛକଠାରୁ ନଳାଙ୍ଗ ପର୍ଯ୍ୟନ୍ତ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ ମଧ୍ୟରୁ ଅଧିକାଂଶ ଜଳୁନି। ଜିଲା କୋର୍ଟ ନିକଟରେ ଲାଗିଥିବା ସମସ୍ତ ଲାଇଟ ଅଚଳ ହୋଇଯାଇଥିବାରୁ ରାତିରେ କୋର୍ଟ ସାମ୍ନା ଅନ୍ଧକାରମୟ ରହୁଛି। କୋର୍ଟ ଆଗରେ ଥିବା ୫ଟି ଷ୍ଟ୍ରିଟ୍‌ଲାଇଟ ଗତ କିଛିଦିନ ଧରି ଜଳୁ ନ ଥିବାରୁ ଏପରି ଅବସ୍ଥା ହୋଇଛି। ନଳାଙ୍ଗ ପୋଲ ଉପରେ ଲାଗିଥିବା କିଛି ଲାଇଟ୍ ଜଳୁଥିବା ବେଳେ ଅଧିକାଂଶ ଲାଇଟ୍ ଜଳୁ ନ ଥିବାରୁ ଜାତୀୟ ରାଜପଥ ଅନ୍ଧକାର ରହୁଛି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗିରହିଥିବା ସ୍ଥାନୀୟ ବାସିନ୍ଦା ଓ ଦୋକାନୀ ପ୍ରକାଶ କରିଛନ୍ତି। ଷ୍ଟ୍ରିଟ୍‌ଲାଇଟ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ସେମାନେ ଦାବି କରିଛନ୍ତି।

# ନିର୍ଦ୍ଧାରିତ ସମୟରେ ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ



## ଜନଶୁଣାଣି ଶିବିରରେ ୧୧୯ ଅଭିଯୋଗ

ଧାମନଗର, ୨୩।୧୨ (ଦେବେନ୍ଦ୍ର ଆଦ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାସୁଦେବ ସ୍ୱାଇଁ ଶିବିରରେ ଯୋଗଦେଇ ଜନସାଧାରଣଙ୍କ ୧୧୯ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୯୭ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ଅଭିଯୋଗ ଥିଲା। ଜବରଦଖଲ ଉଚ୍ଛେଦ, ଶିକ୍ଷକ ନିଯୁକ୍ତି, ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଆଦି ସମ୍ପର୍କିତ ଅଭିଯୋଗ ହୋଇଥିଲା। ୪ଟିଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୨ ଆବେଦନକାରୀଙ୍କୁ ଜିଲା ରେଡ଼କ୍ରସ ପାଣ୍ଠିରୁ ଅର୍ଥ ମଞ୍ଜୁର କରିଥିଲେ ଜିଲାପାଳ। ସେହିପରି ସାମାଜିକ ସୁରକ୍ଷା ଯୋଜନାରେ ୨ଜଣଙ୍କୁ ହୁଇଲ ଚେୟାର, ୩ଜଣଙ୍କୁ ଟ୍ରାଇସାଇକେଲ ଓ ଗୋଟିଏ ଶ୍ରବଣବାଧିତ ଯନ୍ତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗର ଆଗତ ଅଭିଯୋଗ ନିୟମ ମୁତାବକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପରିଷଦର ସହକାରୀ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବିଡିଓ ବନବିହାରୀ ଦିଣ୍ଡା, ତହସିଲଦାର ଦୀପକ କୁମାର ଦାସ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ସମାଧାନ ଦିଗରେ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ।

# ଅଖଣ୍ଡ ନାମଯଜ୍ଞ: ରାଜଘରପୋଖରୀ ଉତ୍ସବମୁଖର

ବାସୁଦେବପୁର, ୨୩।୧୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ରାଜଘରପୋଖରୀ ପଞ୍ଚାୟତ ରାଜଘରପୋଖରୀ ବଜାରରେ ନବରାତ୍ର ଅଖଣ୍ଡ ନାମ ମହାଯଜ୍ଞର ୨୭ତମ ବାର୍ଷିକୋତ୍ସବ, ନବରାତ୍ରର ୮୪ତମ ପ୍ରତିଷ୍ଠା ଦିବସ ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଛି। ଗତ ୧୫ ତାରିଖରୁ ଏହି ନବରାତ୍ର ଯଜ୍ଞ ଚାଲିଥିବା ବେଳେ ମଙ୍ଗଳବାର ଉଦ୍‌ଯାପିତ ହେବ। ଏହି ନବରାତ୍ର ନାମଯଜ୍ଞ ମଣ୍ଡପରେ ପ୍ରତିଦିନ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଜିଲା ଓ ଜିଲା ବାହାରୁ ବାୟା ବାବାଙ୍କ ଶ୍ରଦ୍ଧାଳୁମାନେ ପ୍ରତିଦିନ ଏଠାକୁ ହରିନାମ ଜପିବା ଓ ସଂକୀର୍ତ୍ତନ କରିବାକୁ ଆସୁଥିବାରୁ ଯଜ୍ଞମଣ୍ଡପ ଚଳଚଞ୍ଚଳ ହୋଇପଡ଼ିଛି। ରବିବାର ସନ୍ଧ୍ୟାରେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସରପଞ୍ଚ ଅରୁଣ କୁମାର ମହାନ୍ତି, ସମିତିସଭ୍ୟ ରମେଶ ଚନ୍ଦ୍ର ବଳ, ପୂର୍ବତନ କାଉନସିଲର ସୁରେଶ ଚନ୍ଦ୍ର ମହାନ୍ତି, ଯୁବନେତା ମନୋଜ କୁମାର ନାୟକ ପ୍ରମୁଖ ଯଜ୍ଞମଣ୍ଡପ ନିକଟରେ ଉପସ୍ଥିତ ରହି ଆଶୀର୍ବାଦ ଲାଭ କରିଥିଲେ।


ଯଜ୍ଞ ମଣ୍ଡପରେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଅଶୋକ କୁମାର ଦାସ ଓ ଅନ୍ୟମାନେ।

# ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର 'ସପ୍ତରଙ୍ଗ' ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଭଦ୍ରକ, ୨୩।୧୨ (ସନାତନ ରାଉତ)

ଭଦ୍ରକ ଗେଲପୁରସ୍ଥିତ ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲର ଦୁଇଦିନ ବ୍ୟାପୀ ଚାଲିଥିବା ବାର୍ଷିକୋତ୍ସବ 'ସପ୍ତରଙ୍ଗ' ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଗରପଡ଼ାସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ କ୍ଷେତ୍ରରେ ଉକ୍ତ ବିଦ୍ୟାଳୟର ଭୂମିକାକୁ ପ୍ରଶଂସା କରିଥିଲେ। ଏଥିସହ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କଠିନ ପରିଶ୍ରମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମାର୍ଗଦର୍ଶକ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ନୈତିକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଅବଗତ କରିବା ସହ ଛାତ୍ରୀଛାତ୍ରଙ୍କୁ ଭଲମଣିଷ ହେବାକୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ୍, ଏମ୍‌ଡି ବିଦ୍ୟାଧର ଅଗସ୍ତି, ମାର୍ଗଦର୍ଶକ ଦେବେନ୍ଦ୍ର ଶତପଥୀ, ଯାଜପୁରସ୍ଥିତ ଏସ୍‌ବିଡି ସ୍କୁଲ ଅଧ୍ୟକ୍ଷ ଡ. କଳ୍ପତରୁ ସାହୁ, ଶିକ୍ଷାବିତ୍ ବିପିନ ବିହାରୀ କର ଓ ମ୍ୟାଡାମ୍ ଚେୟାରମ୍ୟାନ ଆଶାବରୀ କର ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ୍ ଅତିଥି ପରିଚୟ ଦେଇଥିବା ବେଳେ ମ୍ୟାଡାମ୍ ଏମ୍‌ଡି ବନ୍ଦିତା ଦୀକ୍ଷିତ୍ ସ୍ୱାଗତ ଭାଷଣ ପ୍ରଦାନ ଓ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ବିଦ୍ୟାମନ୍ଦିର ଶିଶୁଙ୍କ ଚରିତ୍ର ଗଠନ କରେ'


ଅତିଥିମାନଙ୍କ ଦ୍ୱାରା ବାର୍ଷିକ ପତ୍ରିକା ଉନ୍ମୋଚନ କରାଯାଉଛି।

ଧୂଷୁରୀ, ୨୩।୧୨ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର ଅସୁରାଳିଠାରେ ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସତ୍ୟସୁନ୍ଦର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବୋତ୍ତର ସମ୍ଭାଗ ଶିକ୍ଷା ବିକାଶ ସମିତି ସଭାପତି ଡ. ନରୋତ୍ତମ ପରିଡ଼ା ମୁଖ୍ୟବକ୍ତା, ସଙ୍କୁଳ ପ୍ରମୁଖ ସନ୍ତୋଷ କୁମାର ସାହୁ, ଉପଦେଷ୍ଟା ଶକ୍ତିଶ୍ରୀ ଉତ୍କଳ ଭୂଷଣ ନାୟକ ଓ ସରପଞ୍ଚ ମିନତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ଶିଶୁମାନଙ୍କ ଚରିତ୍ର ଗଠନ ସହ ଜ୍ଞାନ ବୃଦ୍ଧି କରିଥାଏ ବୋଲି ଅତିଥିମାନେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ନିତ୍ୟାନନ୍ଦ ପତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଦୀପକ କୁମାର ବାରିକ ସ୍ୱାଗତ ଭାଷଣ ଓ ଆଚାର୍ଯ୍ୟ ଦାମୋଦର ନାୟକ ଅତିଥି ପରିଚୟ ଦେଇଥିଲେ। ଅଭିଭାବିକା ସବିତାରାଣୀ ଦାସ, ପୂର୍ବତନ ସମ୍ପାଦକ ସଦାନନ୍ଦ ଦାଶ ଓ ଆଚାର୍ଯ୍ୟ ସୁଶାନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବାର୍ଷିକ ପତ୍ରିକା 'ଶିଶୁ ଶକ୍ତି' ଉନ୍ମୋଚିତ ହୋଇଛି। ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ବନ୍ତ, ୨୩।୧୨ (ହରି ନାରାୟଣ ମହାନ୍ତି)

କ୍ରୀଡ଼ା ଦେଶ ଦେଶ ମଧ୍ୟରେ ସମ୍ପର୍କ ଯୋଡ଼ିଥାଏ ବୋଲି ସୋମବାର ବନ୍ତ ବ୍ଲକ ନିଳୋକସ୍ଥିତ ସାଧନା ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିମାନେ କହିଛନ୍ତି। ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ନବ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଗମ୍ବର ସେଠୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ସିଆରସିସି ବାବାଜୀ ଚରଣ ଦଳେଇ, ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ବାରିକ, ବିଦ୍ୟାଳୟର ପ୍ରତିଷ୍ଠାତା ପଦ୍ମଲୋଚନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଜୁନିୟର ବର୍ଗରେ ୩୦, ସବ୍ ଜୁନିୟର ବର୍ଗରେ ୩୦ ଓ ସିନିୟର ବର୍ଗରେ ୨୦ ପ୍ରତିଯୋଗୀ ଭାଗ ନେଇଥିଲେ। ଅଧ୍ୟକ୍ଷା ସିଲିରାଣୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଜୟନ୍ତ କିଶୋର ମହାପାତ୍ର, ଶିକ୍ଷୟିତ୍ରୀ କାଦମ୍ବିନୀ ସେନାପତି, ରୀନାବାଳା ରଥ, ବୀଣାପାଣି ଜେନା, ସୁନିତା ଜେନା ପ୍ରମୁଖ ସହଯୋଗ କରିଥିଲେ।

# ୫୬ ରୋଗୀଙ୍କ ଚକ୍ଷୁ ପରୀକ୍ଷା

ବନ୍ତ, ୨୩।୧୨ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ କୁଆଁସମଡ଼ିଆଠାରେ ଆଗରପଡ଼ା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୬ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସଭାପତି କୈଳାସ ଚନ୍ଦ୍ର ଧଳ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ରଞ୍ଜନ କୁମାର ଦାସ, କାର୍ଯ୍ୟକାରୀ ସଭାପତି ରତ୍ନାକର ନାୟକ, ଉପସଭାପତି ଚିତ୍ତରଞ୍ଜନ ସାମନ୍ତରାୟ ଓ ସହସମ୍ପାଦକ ଗୋଲକ ବିହାରୀ ପୃଷ୍ଟି ଯୋଗ ଦେଇଥିଲେ। ୮ ରୋଗୀଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ଭୂମିକା ଚକ୍ଷୁ ହସ୍ପିଟାଲକୁ ନିଆଯାଇ ମାଗଣାରେ ଅସ୍ତ୍ରୋପଚାର କରାଯିବ ବୋଲି ଜଣାଯାଇଛି। ଉପଦେଷ୍ଟା ମୁରଲୀଧର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ସାହୁ, ସୁବାଷ ଦାଶ, ସମୀକ୍ଷକ ରାମଚନ୍ଦ୍ର ଜେନା, ସଭ୍ୟ ଜଗନ୍ନାଥ ଶତପଥୀ ଓ ରାମଚନ୍ଦ୍ର ସାହୁ ସହଯୋଗ କରିଥିଲେ।

# ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ମନ୍ତ୍ରୀ

## ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ଜୟନ୍ତୀ

ଭଦ୍ରକ, ୨୩।୧୨ (ସନାତନ ରାଉତ/ରବିନାରାୟଣ ଖିଲାର)

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଏମ୍‌ପି ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ୧୨୫ତମ ଜୟନ୍ତୀ ଅବସରରେ ସୋମବାର ଭଦ୍ରକ ରାଜଘାଟ ପୋଲ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱର୍ଗତ ମହାନ୍ତିଙ୍କ ତ୍ୟାଗ ଏବଂ ଆଦର୍ଶରେ ଅନୁପ୍ରାଣୀତ ହେଲେ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ସ୍ମୃତି କମିଟି ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏ, ସ୍ୱର୍ଗତ ମହାନ୍ତିଙ୍କ ପୁତ୍ରବଧୂ ଅବସରପ୍ରାପ୍ତ ଅଧ୍ୟକ୍ଷା ଝରଣା ପଟ୍ଟନାୟକ, ନାତି ଜ୍ୟୋତି


ପ୍ରତିମୂର୍ତ୍ତି ନିକଟରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟମାନେ।

ପ୍ରକାଶ ମହାନ୍ତି, ସାହିତ୍ୟିକା ରାଧାରାଣୀ ମହାପାତ୍ର, ବିଜୟ କୁମାର ବହଳୀ, ତ୍ୟାଗଭୂମି ସଭାପତି ଅଜୟ କୁମାର ନାୟକ, ସାମାଜିକ କର୍ମୀ ଏସ୍.ଏମ୍. ଫାରୁକ୍, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଗାନ୍ଧୀ ବିଚାର ମଞ୍ଚର ଶାନ୍ତନୁ ରାଉତ, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ବାରିକ, ବାବୁଲାଲ ଦାସ, ଗୌରାଙ୍ଗ ଚରଣ ବାରିକ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଓ ଫେଲୋସିପ୍‌ର କର୍ମଚାରୀ ଯୋଗ ଦେଇଥିଲେ। ପ୍ରକାଶଥାଉ କି, ଚଳିତ ମାସ ୪ ତାରିଖରେ ସ୍ୱର୍ଗତ ମହାନ୍ତିଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ପାନ୍ଥଶାଳା: ଜିଲାପାଳ

## ଏନ୍‌ଏସିକୁ ହସ୍ତାନ୍ତର ହେବ ଜଗୁସାଗର

ଧାମନଗର, ୨୩।୧୨ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ଜୟନଗର ଛକଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମିତ ପାନ୍ଥଶାଳା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏ ସମ୍ପର୍କରେ ବାରମ୍ବାର ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ଜିଲାପାଳ ଦିଲୀପ ରାଉତରାଏ ଏହି ପାନ୍ଥଶାଳା ପରିଦର୍ଶନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ପାନ୍ଥଶାଳା କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ କହିଛନ୍ତି। ପର୍ଯ୍ୟଟନ ବିଭାଗ ସହ କଥା ହୋଇଛନ୍ତି ଏବଂ ଏହାର ଫାଇଲ ପୁଟ୍‌ଅପ୍ ହେଉଛି। ଫାଇଲ କାମ ସରିଲେ ଏହି ପାନ୍ଥଶାଳା ରକ୍ଷଣାବେକ୍ଷଣ ଦାୟିତ୍ୱ ଧାମନଗର ଏନ୍‌ଏସିକୁ ହସ୍ତାନ୍ତର କରିବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଚିଠି କରାଯିବ। ଖୁବ୍‌ଶୀଘ୍ର ଏହାର ପୁନରୁଦ୍ଧାର


ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ ଧାମନଗର ପାନ୍ଥଶାଳା ପରିଦର୍ଶନ କରୁଛନ୍ତି।

କରାଯାଇ ସର୍ବସାଧାରଣଙ୍କ ନିମନ୍ତେ ବିନିଯୋଗ ହେବ ବୋଲି ଜିଲାପାଳ କହିଛନ୍ତି।

ପ୍ରାୟ ୨୦ବର୍ଷ ତଳେ ନିର୍ମାଣ ହୋଇଥିବା ଅଧାପନ୍ତରିଆ ପାନ୍ଥଶାଳାଟି କାର୍ଯ୍ୟକ୍ଷମ ଓ ମରାମତି ଆଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କାର୍ଯ୍ୟ ଶେଷ ହେଉ ନ ଥିଲା। ସେହିପରି ମତ୍ସ୍ୟ ସମ୍ପଦ ବିଭାଗ ଅଧୀନରେ ଧାମନଗର ବଜାର ମଧ୍ୟରେ ଥିବା ଜଗୁସାଗର ପୋଖରୀ ଅବହେଳିତ ଅବସ୍ଥାରେ ରହିଛି। ଜିଲାପାଳ ଜିଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ମତ୍ସ୍ୟ ବିଭାଗ ଅଧୀନରେ ଉକ୍ତ ପୋଖରୀଟି ରହିବ। କିନ୍ତୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏନ୍‌ଏସିକୁ ହସ୍ତାନ୍ତର କରାଯିବ। ଉକ୍ତ ପୋଖରୀର ସୌନ୍ଦର୍ଯ୍ୟକରଣ କରାଯିବ। ଯାହାକି ଏକ ପିକ୍‌ନିକ୍ ସ୍ପଟ୍ ଭାବେ ପରିଗଣିତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସାମ୍ନାରେ ଥିବା ଅତ୍ୟାଧୁନିକ ଚିଲ୍ଡ୍ରେନ ପାର୍କ ବୁଲିବା ସହ ଭଣ୍ଡାରିପଦୀଠାରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ବୁଲି ଦେଖିଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ଦୀପକ କୁମାର ଦାସ, ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାଶ ମହାପାତ୍ର, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ବିଡିଓ ବନବିହାରୀ ଦିଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ତଳ ମୁଣ୍ଡକୁ ମାଡୁନି ପାଣି

କେନ୍ଦୁଝର,୨୩।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)



**ସମସ୍ୟା ଘେରରେ କାନ୍ଝରୀ ଜଳସେଚନ ପ୍ରକଳ୍ପ**

- କେନାଲ ମରାମତି ହେଉନି, ପାଣି ପଞ୍ଚାୟତ କାର୍ଯ୍ୟ କରୁନି
- ୪୦ ପଦବୀରେ ୩ କର୍ମଚାରୀ କାର୍ଯ୍ୟ କରୁଛନ୍ତି

ଜଳସେଚନକୁ ସୁଦୃଢ଼ କରିବା ସହ ଜମିକୁ ପାଣି ଯୋଗାଇବା ପାଇଁ ପାଣି ପଞ୍ଚାୟତ ଗଠନ ହୋଇଛି। ଏଥିସହ ଚାଷୀଙ୍କୁ ସଚେତନ ଓ ପ୍ରୋତ୍ସାହିତ କରିବା ପାଇଁ ପାଣି ପଞ୍ଚାୟତ ପକ୍ଷ ପାଳନ ହେଉଛି। ମାତ୍ର ଏକଦା ସଫଳ ଜଳସେଚନ ପ୍ରକଳ୍ପ ଭାବରେ ପରିଗଣିତ ହେଉଥିବା କାନ୍ଝରୀ ଜଳସେଚନ ପ୍ରକଳ୍ପ ଏବେ ସମସ୍ୟା ଘେରରେ ରହିଛି। ଅର୍ଥ ଓ କର୍ମଚାରୀ ଅଭାବ ଯୋଗୁ କେନାଲ ମରାମତି, ରକ୍ଷଣାବେକ୍ଷଣ ହୋଇପାରୁନି। ଫଳରେ ତଳ ମୁଣ୍ଡକୁ ପାଣି ମାଡ଼ି ପାରୁ ନ ଥିବାରୁ ବିଭିନ୍ନ ଯୋଜନାର ଲାଭ ଚାଷୀ ପାଇପାରୁନାହାନ୍ତି।

ପ୍ରକାଶ ଯେ, ଉକ୍ତ ଜଳସେଚନ ପ୍ରକଳ୍ପ ଅଧୀନରେ ୧୯ ପାଣି ପଞ୍ଚାୟତ ରହିଛି। ଡ୍ୟାମରୁ ଡାହାଣ ପାର୍ଶ୍ୱ କେନାଲ ପ୍ରାୟ ୩୦ କି.ମି. ପାଟଣା ପର୍ଯ୍ୟନ୍ତ ବ୍ୟାପିଥିବା ବେଳେ ବାମ ପାର୍ଶ୍ୱ କେନାଲ ପ୍ରାୟ ୩୧ କି.ମି. କଣ୍ଟିଆପଡ଼ା ରାଜନଗର ପର୍ଯ୍ୟନ୍ତ ବ୍ୟାପିଛି। ପ୍ରକଳ୍ପ ଦ୍ୱାରା ସଦର, ପାଟଣା ଓ ସାହାରପଡ଼ା ବ୍ଲକ୍‌ର ୧୦, ୯୦୦ ହେକ୍ଟର ଜମିକୁ ପାଣି ମାଡୁଥିବା କୁହାଯାଉଛି। ବାସ୍ତବରେ କମ୍ ଜମିକୁ ପାଣି ମାଡୁଥିବା ଚାଷୀ କହିଛନ୍ତି। ଏଠାରେ ପାଖାପାଖି ୪୦ ଜଣ କର୍ମଚାରୀ ଆବଶ୍ୟକ ଥିବା ବେଳେ ମାତ୍ର ୩ ଜଣ କର୍ମଚାରୀଙ୍କ ହାତରେ ସମଗ୍ର ଜଳସେଚନ ବ୍ୟବସ୍ଥା ନିର୍ଭର କରୁଛି। ପାଖାପାଖି ୨୦ ଜଣ କର୍ମଚାରୀ ଆଉଟ ସୋର୍ସିଂ ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିଲେ ହେଁ ମୁଖ୍ୟ ଅଫିସ ଓ ବାବୁଙ୍କ ସେବାରେ ଲାଗିଛନ୍ତି। କର୍ମଚାରୀ ଅଭାବରୁ ବନ୍ଧ ଓ କେନାଲର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନି। ୧୯୭୮ରେ ନିର୍ମାଣ ହୋଇଥିବା ଡ୍ୟାମ୍‌ର ପଥର ପ୍ୟାକିଂ, କେନାଲର ଅନେକ ସ୍ଥାନରେ ବୁଦା ଓ ମାଟି ସଫେଇ ହେଉନାହିଁ। ଅନେକ ସ୍ଥାନରେ ପାଣି ଲିକ ହେଉଥିଲେ ବି ମରାମତି କରାଯାଉନାହିଁ। ଫଳରେ ପାଟଣା ଓ ରାଜନଗର ପର୍ଯ୍ୟନ୍ତ କେନାଲ ରହିଥିଲେ ହେଁ ତଳ ମୁଣ୍ଡକୁ ପାଣି ମାଡୁନାହିଁ। ଏଥିସହ ପାଣି ପଞ୍ଚାୟତ ୨୦୧୬ରୁ ଅଚଳ ହୋଇଯାଇଛି। ଆଗଭଳି ଅନୁଦାନ ଆସୁ ନ ଥିବାରୁ କେନାଲ ମରାମତି ହୋଇପାରୁନାହିଁ। ଆସୁଥିବା ଅନୁଦାନ ଦରମାରେ ଖର୍ଚ୍ଚ ହୋଇଯାଉଥିବା ବିଭାଗୀୟ କର୍ମଚାରୀଙ୍କଠାରୁ ସୂଚନା ମିଳିଛି। ଅନ୍ୟପକ୍ଷେ ୨ କୋଟି ଟଙ୍କା ଅନୁଦାନରେ ହେଉଥିବା ପାର୍କ ଏବଂ ବନ୍ଧ ତଳେ ନିର୍ମାଣ ହେଉଥିବା ପୋଲ ଓ ରାସ୍ତା କାମ ଦୀର୍ଘ ବର୍ଷ ହେଲା ସରୁନାହିଁ। ଲୋକମାନେ ବନ୍ଧ ଉପରେ ଅସୁରକ୍ଷିତ ଭାବେ ଗାଡ଼ି ନେଇ ଯାତାୟାତ କରୁଛନ୍ତି। ଏହାଦ୍ୱାରା ବନ୍ଧର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସ୍ଥାନୀୟ ନେତା ଖାଲି ରାଜନୀତି କରୁଥିଲେ ହେଁ ଚାଷୀଙ୍କ ପ୍ରତି ନେତାଙ୍କ ଦରଦ ସ୍ପଷ୍ଟ ବାରି ହେଉଛି ବୋଲି ଇଂ. ବିନୋଦ ବିହାରୀ ନାୟକ କହିଛନ୍ତି। କାନଝରୀ ଡ୍ୟାମ୍‌ର ସହକାରୀ ଯନ୍ତ୍ରୀ ଚତୁର୍ଭୁଜ ନାୟକ କର୍ମଚାରୀ ଓ ଅର୍ଥ ଅଭାବ ଯୋଗୁ ରକ୍ଷଣାବେକ୍ଷଣରେ ସମସ୍ୟା ହେଉଥିବା ସ୍ୱୀକାର କରିଛନ୍ତି। ଆଉଟ୍‌ସୋର୍ସିଂ ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କୁ ନେଇ କାମ କରାଯାଉଛି। ମାର୍ଚ୍ଚ ସୁଦ୍ଧା ପାର୍କ ନିର୍ମାଣ ଶେଷ ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜମି ସମସ୍ୟା ପାଇଁ ପୋଲ ନିର୍ମାଣ ବିଳମ୍ବ ହେଉଛି। କିଛି ମାସ ମଧ୍ୟରେ କାମ ସରିବ ବୋଲି କହିଥିଲେ।

## ଶୁଭଶ୍ରୀ ମହାନ୍ତ ଜିତିଲେ କାର




କେନ୍ଦୁଝର,୨୩।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

**ବିଏସ୍ ମଲ୍‌ର ଲଟେରି ଉଠାଣ**

କେନ୍ଦୁଝର ବିଏସ୍ ମଲର ଲଟେରି ଉଠାଣ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗ୍ୟଶାଳୀ ବିଜେତା ଭାବେ ବାରିଆ ଅଞ୍ଚଳର ଶୁଭଶ୍ରୀ ମହାନ୍ତ କାର ଜିତିଛନ୍ତି। ଏ ନେଇ ଆୟୋଜିତ ଲଟେରି ଉଠାଣ ସଭାରେ କେନ୍ଦୁଝର ସହରର ବରିଷ୍ଠ ନାଗରିକ କୈଳାଶ ଚନ୍ଦ୍ର ପଣ୍ଡା, ରୋଟାରିଆନ ସତ୍ୟଜିତ୍ ନନ୍ଦ, ଆଇନ୍‌ଜୀବୀ ଚତୁର୍ଭୁଜ ହୋତା, ଜିଲା ସ୍ୱର୍ଣ୍ଣକାର ସଂଘର ସଭାପତି ରାମଚନ୍ଦ୍ର ସାହୁ, ସିଟିଜିର ପ୍ରତିଷ୍ଠାତା ଡ. ରାଜେନ୍ଦ୍ର ପଲେଇ, ଘନଶ୍ୟାମ ମିଶ୍ର, ଆଇନ୍‌ଜୀବୀ ରତିରଞ୍ଜନ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପୃଥ୍ୱୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସ୍ୱର୍ଣ୍ଣ ଅଳଙ୍କାର ପୁରସ୍କାର ଯୋଜନାରେ ଶୁଭଶ୍ରୀ ମହାନ୍ତ ହୋଣ୍ଡାଇ କାର, ରଞ୍ଜିତା ସାହୁ ଇ-ସ୍କୁଟି, ଏମ୍‌ଡି ବିଲସାଦ ଇ-ସ୍କୁଟି, ଚନ୍ଦ୍ରମଣି ନାଏକ ରେଫ୍ରିଜିରେଟର, ବିଦ୍ୟୁତପ୍ରଭା ସେଠୀ ୱାସିଂ ମେସିନ, ଇନ୍ଦୁମତି ସାହୁ ସ୍ମାର୍ଟ ଫୋନ, ବିକାଶ ମହାନ୍ତ ହାତ ଘଣ୍ଟା ପୁରସ୍କାର ପାଇଥିଲେ। ସେହିପରି କନକ ଗାର୍ମେଣ୍ଟସ ପୁରସ୍କାର ଯୋଜନାରେ ବିକାଶ ସେଠୀ ଇ-ସ୍କୁଟି, ଅସିମ ଅମିତାବ ମହାନ୍ତି ଇ-ସ୍କୁଟି, ନିରଞ୍ଜନ ଖୁଣ୍ଟିଆ ରେଫ୍ରିଜିରେଟର, ସୁବ୍ରତ ବେହେରା ୱାସିଂ ମେସିନ ଏବଂ ଅଭୟ ଶତପଥି ହାତ ଘଣ୍ଟା ପୁରସ୍କାର ଜିତିଥିବା ବିଏସ୍‌ମଲ ତରଫରୁ ସୂଚନା ଦିଆଯାଇଛି। ବିଏସ୍ ମଲର ସତ୍ତ୍ୱାଧିକାରୀ ଜିତେନ୍ଦ୍ର ସାହୁ ପରିଚାଳନା କରିଥିବା ବେଳେ ଅନ୍ୟତମ ସତ୍ତ୍ୱାଧିକାରୀ ଦୀପକ ସାହୁ, ନଗରପାଳ ନିକୁ ସାହୁ, ମଞ୍ଜୁଲତା ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ, ବିଏସ୍ ତଥ୍ୟ, ବିଏସ ତଲଙ୍କ, ମ୍ୟାନେଜର ବିଶ୍ୱାନାଥ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ରଜାବନ୍ଧରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର,୨୩।୧୨(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରାଙ୍ଗ ମୁଣ୍ଡାସାହିସ୍ଥିତ ରଜାବନ୍ଧରେ ସୋମବାର ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ବରାଙ୍ଗ ମୁଣ୍ଡାସାହିର ରବିନ୍ଦ୍ର ମୁଣ୍ଡାଙ୍କ ପୁଅ ଆକାଶ ମୁଣ୍ଡା(୧୮)। ସେ ନିତ୍ୟକର୍ମ ପାଇଁ ବନ୍ଧକୁ ଯାଇ ଘରକୁ ଫେରି ନ ଥିଲେ। ଘର ଲୋକଙ୍କ ସହ ଗ୍ରାମବାସୀ ଖୋଜାଖୋଜି ପରେ ରଜାବନ୍ଧରେ ମୃତଦେହ ଭାସୁଥିବା ଦେଖିଥିଲେ। ଅଳତୀ ଆରଆଇ ଦିଲୀପ ପଣ୍ଡାଙ୍କ ସହ ରାମଚନ୍ଦ୍ରପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ରାମଚନ୍ଦ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ନବୀକରଣ ହେବ ନେହେରୁ ଷ୍ଟାଡିୟମ୍

**ଉପ ଜିଲାପାଳ, ଓଏମ୍‌ସି ଅଧିକାରୀଙ୍କ ପରିଦର୍ଶନ**

ଚମ୍ପୁଆ,୨୩।୧୨(ମହେଶ୍ୱର ଦାସ)

ଅବହେଳିତ ଅବସ୍ଥାରେ ପଡ଼ିଥିବା ଚମ୍ପୁଆର ଏକମାତ୍ର ନେହେରୁ ଷ୍ଟାଡ଼ିୟମର ନବୀକରଣ କରାଯିବ। ଏ ନେଇ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ଉଦ୍ୟମ କ୍ରମେ ଓଡ଼ିଶା ମାଇନିଂ କର୍ପୋରେସନ ପକ୍ଷରୁ ପ୍ରୟାଶ ଆରମ୍ଭ କରାଯାଇଛି। ସ୍ଥାନୀୟ ଲୋକଙ୍କ ଦାବିକୁ ଆଖି ଆଗରେ ରଖି ପୂର୍ବରୁ ଥିବା ଉପ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଷ୍ଟାଡ଼ିୟମ ପରିସରରେ କମ୍ପାନୀ ସହାୟତାରେ ଦର୍ଶକ ଗ୍ୟାଲେରୀ ନିର୍ମାଣ କରିଥିଲେ। ସେହି ଦିନଠାରୁ ଷ୍ଟାଡ଼ିୟମର ଉନ୍ନତି ପାଇଁ ଆଉ କୌଣସି ପଦକ୍ଷେପ ନିଆଯାଇପାରି ନ ଥିଲା। ପ୍ରତ୍ୟେକ ବର୍ଷ ଆୟୋଜିତ ହେଉଥିବା ଚନ୍ଦ୍ରଶେଖର କପ୍ ଓ ଚମ୍ପୁଆ ପ୍ରିମିୟର ଲିଗ୍ ପୂର୍ବରୁ ଚମ୍ପୁଆ ମର୍ଣ୍ଣିଂ କ୍ଲବ୍‌ର ସଦସ୍ୟଙ୍କ ଦ୍ୱାରା ଘାସ କଟା ଓ ପଡ଼ିଆ ମରାମତି କାମ ହୋଇ ଆସୁଛି। ଷ୍ଟାଡ଼ିୟମର ପାଚେରି ଅଧାରୁ ଅଧିକ ଭାଙ୍ଗି ଯାଇଛି। ବର୍ତ୍ତମାନ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ଉଦ୍ୟମ କ୍ରମେ ଓଡ଼ିଶା ମାଇନିଂ କର୍ପୋରେସନ ପକ୍ଷରୁ ଖେଳପଡ଼ିଆର ନବୀକରଣ କରାଯିବାକୁ ପ୍ରୟାଶ ଆରମ୍ଭ କରାଯାଇଛି। ଏ ନେଇ ସୋମବାର ଉପ ଜିଲାପାଳ ପରିଡା, ଓଏମ୍‌ସି ସିନିୟର ମ୍ୟାନେଜର ଶ୍ରୀଧର ବେହେରା, ପିଡବ୍ଲୁଡି ଅଧିକାରୀ ବୁଧୁରାମ ମାରାଣ୍ଡି ଓ ମର୍ଣିଂ କ୍ଲବ ସଭାପତି ଅମିତାବ ପ୍ରଧାନ, ସମ୍ପାଦକ ରଶ୍ମୀରଞ୍ଜନ ସେଠୀ ଏବଂ ସଦସ୍ୟମାନେ ନେହେରୁ ଷ୍ଟାଡ଼ିୟମ ପରିଦର୍ଶନ କରିଛନ୍ତି। ଷ୍ଟାଡ଼ିୟମ ମଧ୍ୟରେ ପାଥ୍‌ୱେ, ମୁଖ୍ୟ ଦ୍ୱାରରେ ଗେଟ୍ ନିର୍ମାଣ, ଅତିଥିଙ୍କ ପାଇଁ ମଞ୍ଚ ନିର୍ମାଣ, ଡ୍ରେନ୍, ଚେଞ୍ଜିଂ ରୁମ୍ ସହିତ ଗ୍ୟାଲେରୀ ନିର୍ମାଣ, ଭଙ୍ଗା ପାଚେରି ମରାମତି ଓ ରଙ୍ଗ କରାଯିବ ବୋଲି ଜଣାଯାଇଛି।


ନେହେରୁ ଷ୍ଟାଡ଼ିୟମରେ ଓଏମ୍‌ସି ଅଧିକାରୀଙ୍କ ସହ ଉପ ଜିଲାପାଳ ଆଲୋଚନା କରୁଛନ୍ତି।

## ଲକ୍ଷ୍ମୀନାରାୟଣଙ୍କ ଭସାଣି

ଢେଙ୍କିକୋଟ,୨୩।୧୨(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍‌ଠାରେ ହେଉଥିବା ଲକ୍ଷ୍ମୀ ନାରାୟଣ ପୂଜା ଶୁକ୍ରବାର ଶେଷ ହୋଇଥିବା ବେଳେ ସୋମବାର ଭସାଣି ଉତ୍ସବ ପାଳନ ହୋଇଯାଇଛି। ପ୍ରଭୁଙ୍କ ମୃଣ୍ମୟ ମୂର୍ତ୍ତି ଢେଙ୍କିକୋଟ ସାହି ବସ୍ତି ସମେତ ବଜାର ପରିକ୍ରମା କରାଯାଇଥିଲା। ପ୍ରଭୁଙ୍କ ଶେଷ ଦର୍ଶନ କରିବା ସହ ବସ୍ତି ବାସିନ୍ଦା ମା’ ଭଉଣୀମାନେ ବନ୍ଦାପନା କରିଥିଲେ। ଶେଷରେ ମୁଦ୍ରାବେଡ଼ାସ୍ଥିତ ପୁଣ୍ୟତୟା ସୀତାନଦୀ ଘାଟରେ ଭସାଣି କରାଯାଇଛି। ଲକ୍ଷ୍ମୀନାରାୟଣ ପୂଜା କମିଟିର ସମସ୍ତ ଉପଦେଷ୍ଟା ମଣ୍ଡଳୀ ସମେତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ। ଢେଙ୍କିକୋଟ ପୋଲିସ ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା ଉପରେ ନଜର ରଖିଥିଲା।



## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ




କେନ୍ଦୁଝର,୨୩।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ରାଙ୍କିସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅନୀଲ ଦାସ ଯୋଗଦେଇଥିଲେ। ପିଏମ୍‌ଶ୍ରୀ କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସୁବ୍ରତ ବେହେରା, ଭରତ ସବିତା, ସୁଶ୍ରୀ ମାଧୁରୀ, ଅନୁରାଗ ମିଶ୍ର, ବିପ୍ଳବ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ୨୦୫ ଅଭିଯୋଗର ଶୁଣାଣିକଲେ ଜିଲାପାଳ

ବଉଳା/ହାଟଡ଼ିହୀ/ଛେନାପଦି, ୨୩।୧୨(ଦୁର୍ଗା ପ୍ରସାଦ ଆୟଚ/ଶୁଭକାନ୍ତ ନାୟକ/ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୦୫ ଅଭିଯୋଗ ଆଗତ ହୋଇଥିଲା। ଶୁଣାଣିରେ ଜିଲାପାଳ ବିଶାଲ ସିଂ, ଏଡିଏମ୍ ଆଲୋକ ପଣ୍ଡା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗ ଭୂଷଣ, ଉପ ଜିଲାପାଳ ଫାଲଗୁନୀ ମାଝୀ, ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ସିଡିଏମ୍ ଉପସ୍ଥିତ ରହି ବିଭିନ୍ନ ବିଭାଗର ଅଭିଯୋଗକୁ ଶୁଣି ତାହାର ସମାଧାନ କରିବାକୁ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ପନ୍ଦାଡ଼ୋ ପଞ୍ଚାୟତର କିଛି ହିତାଧିକାରୀ ଆବାଶ ଅନୁଦାନ ଅନ୍ୟ ଅକାଉଣ୍ଟକୁ ପଳାଇଥିବା ଅଭିଯୋଗ କରିଥିଲେ। ହାଟଡ଼ିହୀ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟକୁ ସ୍ୱୟଂ ସକ୍ଷମ କରିବାକୁ ଶ୍ରୀକାନ୍ତ ବିଶ୍ୱାଳ, ସନ୍ତୋଷ ରାଉତ, ଅନନ୍ତ ଚରଣ ସ୍ୱାଇଁ ଅଭିଯୋଗ କରିଥିଲେ। ଏଭଳି ବ୍ଲକ୍ ଅଧୀନ ଗ୍ରାମର ବିଭିନ୍ନ ସମସ୍ୟା ଦେଇ ଲୋକେ ଦାବିପତ୍ର ପ୍ରଦାନ କରିଥିଲେ। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୀତୁଆ ସକାଳରେ ପାର୍କରେ ଭିଡ଼ ଜମୁଛି



କେନ୍ଦୁଝର,୨୩।୧୨(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ଏବେ ଶୀତର ଲହର ଜାରି ରହିଛି। ଜିଲାରେ ବଣ, ପାହାଡ଼ ଘେରରେ ରହିଥିବାରୁ ଏଠାରେ ତାପମାତ୍ର ୧୦ ଡିଗ୍ରୀ ତଳେ ରହୁଛି। ଏଭଳି ସମୟରେ ଲୋକ ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହେଉଛି। ବିଶେଷ କରି ଲୋକେ ନିଆଁ ଜାଳି ବସୁଛନ୍ତି। ସହରରେ ବ୍ୟାୟାମ ପାଇଁ ପାର୍କରେ ଲୋକଙ୍କ ଭିଡ଼ ଜମୁଛି।

ପ୍ରକାଶ ଯେ, କେନ୍ଦୁଝର ସହରରେ ଜିମ ଓ ଅତ୍ୟାଧୁନିକ ବ୍ୟାୟାମଶାଳା ରହିଛି। ତଥାପି ସହରରେ ଥିବା ୧୫ରୁ ଊର୍ଦ୍ଧ୍ୱ ପାର୍କରେ ସକାଳୁ ଲୋକଙ୍କ ଅଧିକ ଗହଳି ଦେଖିବାକୁ ମିଳୁଛି। ଲୋକମାନେ ପାର୍କର ପ୍ରାକୃତିକ ଖୋଲା ପବନ ତଳେ ବ୍ୟାୟାମ ଓ ଯୋଗାଭ୍ୟାସ କରିବାକୁ ବେଶୀ ପସନ୍ଦ କରୁଛନ୍ତି। ଜିଲା ଖଣିଜ ପ୍ରତିଷ୍ଠାନ ସମେତ ଅନ୍ୟାନ୍ୟ ଯୋଜନାରେ ଅର୍ଥ ବିନିଯୋଗ କରାଯାଇ ସହରରେ ଏକାଧିକ ପାର୍କ ନିର୍ମାଣ କରାଯାଇଛି। କେନ୍ଦୁଝରଗଡ଼ ପୌରପାଳିକା ଦ୍ୱାରା ନିର୍ମିତ ପରିଚୟ ଗୃହରେ ମଧ୍ୟ ଲୋକମାନେ ପ୍ରତ୍ୟହ ବ୍ୟାୟାମ କରୁଛନ୍ତି। କେନ୍ଦୁଝର ସର୍କିଟ ହାଉସ ଛକରେ ନିର୍ମିତ ପରିବେଶ ଉଦ୍ୟାନରେ ପିଲାଙ୍କ ଖେଳିବା ପାଇଁ ଅନେକ ସାଧନର ବ୍ୟବସ୍ଥା ରହିଛି ଓ ବୟସ୍କଙ୍କ ନିମନ୍ତେ ମୁକ୍ତାକାଶ ଅବସର ବିନୋଦନ କେନ୍ଦ୍ର ରହିଛି। ସେହିପରି କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ ପରିସର ପାର୍କ ଓ ନିକଟସ୍ଥ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ଏବେ ଫିଟ୍‌ନେସ ପ୍ରେମୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ପୁରୁଣା ସହର, ହାଟପ ସିଲୁଆଁ, ମଣ୍ଡୁଆ ଓ ବଡ଼ହଳ ଆଦି ସ୍ଥାନରେ ଥିବା ପାର୍କଗୁଡ଼ିକରେ ମଧ୍ୟ ପ୍ରତିଦିନ ସକାଳେ ଲୋକାରଣ୍ୟ ହୋଇପଡୁଛି। ଏ ସମ୍ପର୍କରେ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କରେ ପ୍ରତିଦିନ ସକାଳୁ ବ୍ୟାୟାମ ଓ ଯୋଗ କରିବାକୁ ଆସୁଥିବା ମନରଞ୍ଜନ ସାହୁ କହିଛନ୍ତି, ଆଜିକାଲି ଲୋକମାନେ ଅଧିକ ସ୍ୱାସ୍ଥ୍ୟ ସଚେତନ ହୋଇ ଗଲେଣି। ଡାକ୍ତର ପାଖକୁ ଯିବା ଅପେକ୍ଷା ସମସ୍ତେ ବ୍ୟାୟାମ ଓ ଯୋଗାଭ୍ୟାସ କରିବାକୁ ପସନ୍ଦ କରୁଛନ୍ତି। ପାର୍କରେ ପ୍ରାକୃତିକ ବାତାବରଣ ମିଳୁଥିବାରୁ ଲୋକଙ୍କ ଭିଡ଼ ରହୁଛି।

## ବୈଶିଙ୍ଗାରେ ଶୀତଳଭଣ୍ଡାର ପ୍ରତିଷ୍ଠା ଦାବି

ବୈଶିଙ୍ଗା,୨୩।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗାଠାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଦାବି ହୋଇଛି। ପ୍ରକାଶ ଯେ, ଅଞ୍ଚଳରେ ଶୀତଳ ଭଣ୍ଡାର ନ ଥିବାରୁ ଅନେକ ଶହ ଟନ୍ ପନିପରିବା ପ୍ରତି ବର୍ଷ ନଷ୍ଟ ହେଉଛି। କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରି କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାରଟିଏ ପ୍ରତିଷ୍ଠା କରାଯାଇ ନ ପାରିବା ସରକାରଙ୍କ ବିଫଳତାକୁ ପଦାରେ ପକାଇ ଦେଇଛି। ଏଥିଯୋଗୁ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଋତୁ ଉପଯୋଗୀ ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ନିୟନ୍ତ୍ରିତ ବଜାର କମିଟି ଶୀତଳଭଣ୍ଡାର ନିର୍ମାଣ ଦିଗରେ ଗୁରୁ ଦେବାକୁ ଦାବି ହେଉଛି। ପନିପରିବା ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ। ମୁଖ୍ୟତଃ ଆଳୁ, ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି , ଝୁଡଙ୍ଗ ଆଦି ପରିବା ନଭେମ୍ବରଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଶସ୍ତାରେ ବିକ୍ରି ହୋଇଥାଏ। ମାତ୍ର ଚଳିତ ବର୍ଷ ଏ ସମସ୍ତ ପରିବା ଅଧିକ ଦାମରେ ବିକ୍ରି ହେଉଛି। ଶୀତଳ ଭଣ୍ଡାର ପ୍ରତିଷ୍ଠା ହୋଇଥିଲେ ବୈଶିଙ୍ଗାଠାରୁ ଅନତିଦୂରରେ ଥିବା ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀ ଅବବାହିକାରୁ ଉତ୍ପାଦିତ ହେଉଥିବା ପ୍ରଚୁର ପରିମାଣର ପନିପରିବା ଜିଲା ଏବଂ ଜିଲା ବାହାରକୁ ଯୋଗାଇବା ପରେ ମଧ୍ୟ ବଳକା ପନିପରିବା ସାଇତା ଯାଇପାରନ୍ତା। ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢି ନଷ୍ଟ ହୋଇଯାଉଛି। ଏହି କାରଣରୁ ପ୍ରତିବର୍ଷ ଚାଷୀମାନଙ୍କୁ ଅନେକ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଉ ଆଗ୍ରହ ପ୍ରକାଶ କରୁନାହାଁନ୍ତି।

## ଖୋଲିଲା ଧାନମଣ୍ଡି

ଚମ୍ପୁଆ,୨୩।୧୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଲ୍ୟାମ୍ପ ଅଧୀନରେ ଥିବା ରଜିଆ ଓ ଭଣ୍ଡାଠାରେ ଧାନମଣ୍ଡି ଉଦ୍‌ଘାଟିତ ହେବା ସହିତ ଧାନ କିଣା ଆରମ୍ଭ କରାଯାଇଛି। ଚମ୍ପୁଆ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ଏଆରସିଏସ୍ ମଙ୍ଗଲ ସୋରେନ, ଏସିଏସ୍‌ଓ ମଙ୍ଗଲ ସିଂ, ରଜିଆ ସରପଞ୍ଚ ସନ୍ତୋଷ ନାଏକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ, ଲ୍ୟାମ୍ପ ଏମ୍‌ଡି ରଜତ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

**ପାଟଣା,(ବୀର କିଶୋର ଦାଶ):** ପାଟଣା ବ୍ଲକ୍ ଅଧୀନ ୨ ଶାଖା ସମବାୟ ସମିତି ପାଟଣା ଓ ରାଜନଗରରେ ଧାନ ମଣ୍ଡି ଖୋଲିଛି। ପାଟଣା ମୁଖ୍ୟାଳୟ ମଣ୍ଡିରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ବିଡିଓ ମାନସ ଦଣ୍ଡପାଟ, ଲ୍ୟାମ୍ପ ସଭାପତି ରାମଚନ୍ଦ୍ର ନାୟକ, ଉପ ସଭାପତି କନକଲତା ନାଏକ, ମୂଷାଖୋରୀ ସରପଞ୍ଚ ଭାମାମଣି ଦାସ ପ୍ରମୁଖ ସାମିଲ ହୋଇଥିଲେ। ରାଜନଗରରେ ମଧ୍ୟ ବିଧାୟକ ମଣ୍ଡିର ଶୁଭାରମ୍ଭ କରିଥିଲେ।

**ଢେଙ୍କିକୋଟ(ନୀଳମଣି ମଣ୍ଡଳ):** ଢେଙ୍କିକୋଟ ଲ୍ୟାମ୍ପରେ କେନ୍ଦୁଝର ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ମଣ୍ଡି ଆରମ୍ଭ ହୋଇଛି। ସଭାପତି ଅଭିମନ୍ୟୁ ନାୟକ, କୃଷକ କମିଟିର ସଦସ୍ୟ ସେକ୍ ତାହିରଙ୍କ ସମେତ କୃଷକ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୨୦୦ କୁଇଣ୍ଟାଲ ଧାନ କିଣାଯାଇଥିଲା।

**ଛେନାପଦି(ନିରାକାର ପରିଡା):** ହାଟଡ଼ିହୀ ବ୍ଲକ୍ ପଞ୍ଚୁଗୋଛିଆ ସମବାୟ ସମିତିରେ ସମ୍ପାଦକ ରାମଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ସମିତି ସଭାପତି ନାରାୟଣ ରାଉତ ପ୍ରମୁଖ ଯୋଗଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ।


ପାଟଣା ବିଧାୟକ ଅଖିଳ ନାଏକ ଫିତା କାଟି ମଣ୍ଡିର ଶୁଭାରମ୍ଭ କରୁଛନ୍ତି।

## ବନ୍ଦ ଖଣିରୁ ଖଣିଜ ଉତ୍ତୋଳନ

ଯୋଡ଼ା,୨୩।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଏକ ପରିତ୍ୟକ୍ତ(ବନ୍ଦ) ଖଣିରୁ ଖଣିଜ ଉତ୍ତୋଳନ କରି ଚୋରା ଚାଲାଣ ହେଉଛି। ଖବର ପାଇ ଯୋଡ଼ା ଓ ବାମେବାରି ପୋଲିସ ସୋମବାର ଚଢ଼ାଉ କରିଥିଲା। ଖଣିଜ ଖନନକାରୀ ସେଠାରୁ ଫେରାର ହୋଇଯାଇଥିଲେ। ଉକ୍ତ ଖଣି ୨୦୨୦ ପୂର୍ବରୁ ଟିବି ଲାଲ୍‌ଙ୍କ ନାମକ ଲିଜ୍ ଥିଲା। ଲିଜ୍ ଅବଧି ସରିବା ପରେ ଖଣିର କିଛି ଅଞ୍ଚଳ ରେଳପଥ ପାଇଁ ଚାଲି ଯାଇଛି। କିଛି ଏବେ ମଧ୍ୟ ପରିତ୍ୟକ୍ତ ହୋଇପଡ଼ିଛି। ପରିତ୍ୟକ୍ତ ଖଣିରୁ ଦିନ ଦ୍ୱିପ୍ରହରରେ ମେଶିନ ଲଗାଇ ଖଣିଜ ଖନନ କରାଯାଇ ହାଇୱା ଯୋଗେ ଚାଲାଣ କରାଯାଉଛି। ଏ ନେଇ ଯୋଡ଼ା ଓ ବାମେବାରି ପୋଲିସ ଖବର ପାଇ ମିଳିତ ଭାବେ ଚଢ଼ାଉ କରିଥିଲା। ଘଟଣାସ୍ଥଳରେ ଥିବା ମେଶିନ ଓ ଟ୍ରକ୍ ନେଇ ଖନନକାରୀ ଖସି ଯାଇଥିବା ବେଳେ ମେଶିନ ଯୋଗେ ଗାଡ଼ କରି ଖଣିଜ ଚାଲାଣ ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ପରିତ୍ୟକ୍ତ ଖଣିରୁ ଦିନ ବେଳେ ଖଣିଜ ଚୋରା କାରବାର ହେଉଥିଲେ ହେଁ ଖଣି ବିଭାଗକୁ କିପରି ଅଗୋଚର ରହିଛି, ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଦୁର୍ବ୍ୟବହାର, ବାଇକ୍ ଭଙ୍ଗାରୁଜା କରି ୩ ଗିରଫ

ରାଇରଙ୍ଗପୁର,୨୩।୧୨ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅଧୀନ ସାଲେଇ ଗ୍ରାମର ରାମଦାସ ସୋରେନ ତାଙ୍କ ପରିବାର ସଦସ୍ୟଙ୍କୁ ଧରି ଡଭୁଣ୍ଡୁ ଗ୍ରାମକୁ ମେଳା ଦେଖିବାକୁ ଯାଉଥିବା ବେଳେ ରାସ୍ତାରେ ୩ ଯୁବକ ଅଟକାଇ ଦୁର୍ବ୍ୟବହାର କରିବା ସହ ତାଙ୍କ ବାଇକ୍ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୮୪/୨୪) ରୁଜୁ କରି ସଂପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ତିରିଙ୍ଗ ଥାନା ଅଞ୍ଚଳର ଧାନାୟୀ ବେଶ୍ରା ଏବଂ ତାଙ୍କ ୨ ସହଯୋଗୀ ଟିକୁ ହେମ୍ବ୍ରମ ଏବଂ ରୁଦ୍ର ମୁର୍ମୁ । ସୋମବାର ସମସ୍ତଙ୍କୁ କୋର୍ଟ ଚାଲାଣ କରଯାଇଛି।

## ସର୍ବ ଭାରତୀୟ ପ୍ରତିଯୋଗିତାରେ କୃତିତ୍ୱ


କୃତିତ୍ୱ ହାସଲ କରିଥିବା ଛାତ୍ରମାନେ।

କରଞ୍ଜିଆ,୨୩।୧୨(କବିତା ମହାନ୍ତ)

ଗତ ବର୍ଷ ଆଦିବାସୀ ଅଧୁଷିତ ପାଞ୍ଚପୀଢ଼ ଉପଖଣ୍ଡର ଠାକୁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ପାଇପ ବ୍ୟାଣ୍ଡ ଦଳ ସମଗ୍ର ଦେଶରେ ପାଇପ୍ ବ୍ୟାଣ୍ଡ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଦଳ ଭାବେ ପୁରସ୍କୃତ ହୋଇଥିଲା। ଚଳିତ ବର୍ଷ ମଧ୍ୟ କରଞ୍ଜିଆସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲର ପାଇପ୍ ବ୍ୟାଣ୍ଡ ଦଳ ପ୍ରଥମ ଥର ଲାଗି ପ୍ରତିଯୋଗିତାରେ ଭାଗ ନେଇ ସମଗ୍ର ଭାରତର ଜୋନାଲସ୍ତରରେ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛି। ଏହି ସମ୍ମାନ ରବିବାର ଆସାମ ରାଜ୍ୟର ଗୌହାଟିଠାରେ କରଞ୍ଜିଆ ବିବେକାନନ୍ଦ ପବ୍ଲିକ ସ୍କୁଲକୁ ମିଳିଥିଲା। ଛୋଟରାୟ ହେମ୍ବ୍ରମଙ୍କ ନେତୃତ୍ୱରେ ପାଇପ୍ ବ୍ୟାଣ୍ଡ ଶିକ୍ଷକ ଚନ୍ଦନ କୁମାର ଖଟୁଆଙ୍କ ତତ୍ତ୍ୱାବଧାନରେ ୨୫ ଜଣ ଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇ ଜୋନାଲସ୍ତରକୁ ଉନ୍ନୀତ ହୋଇଥିଲେ। ଛାତ୍ରମାନଙ୍କ ଗ୍ରୁପ ଲିଡର ଭାବେ ଦେବ କୁମାର ମହାନ୍ତ ପ୍ରତିଯୋଗିତାରେ ଉନ୍ନତମାନର କୌଶଳ ପ୍ରଦର୍ଶନ କରିଥିଲେ।

